# ନବୀନଙ୍କୁ ଭେଟିଲେ ପ୍ରଖ୍ୟାତ ଅଭିନେତା ଦଲୀପ ତାହିଲ



ଭୁବନେଶ୍ୱର,୨୦।୨(ସମିସ): ବଲିଉଡ୍‌ର ଖ୍ୟାତନାମା ଅଭିନେତା ଦଲୀପ ତାହିଲ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପ୍ରତିଷ୍ଠା କରିଥିବା କଳିଙ୍ଗ ଏୟାର ଲାଇନ୍ସରେ ଦାଲିପଙ୍କ ପିତା ପାଇଲଟ୍ ଭାବେ କାର୍ଯ୍ୟ କରୁଥିଲେ। ଆଜି ସାକ୍ଷାତ ସମୟରେ ଦାଲିପ ବିରୋଧୀ ଦଳ ନେତାଙ୍କ ସହ ପୁରୁଣା ଅନୁଭୂତି ବାଣ୍ଟିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷକରି ଗତ ଦୁଇଦଶନ୍ଧି ମଧ୍ୟରେ ଓଡ଼ିଶା ଯେପରି ଭାବେ ପ୍ରଗତି କରିଛି, ସେଥିପାଇଁ ଶ୍ରୀ ପଟ୍ଟନାୟକଙ୍କୁ ଦଲୀପ ପ୍ରଶଂସା କରିଥିଲେ। ଶ୍ରୀ ପଟ୍ଟନାୟକ ମଧ୍ୟ ଏହି ଭେଟଘାଟକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଥିଲେ।

**କଳିଙ୍ଗ ଏୟାରଲାଇନ୍ସରେ ପାଇଲଟ୍ ଥିଲେ ପିତା**

# ଆପଣେଇଲାନି ମା'; ବେବିକେୟାର୍‌ରେ ସିମ୍ପାଞ୍ଜି ଛୁଆ

ବାରଙ୍ଗ,୨୦।୨(ସମିସ): ଜନ୍ମିତ ଛୁଆକୁ ଆଡ଼େଇଦେଲା। ଶେଷରେ ମା'ର ମମତାରୁ ବଞ୍ଚିତ ହୋଇ ସିମ୍ପାଞ୍ଜି ଛୁଆ ଏବେ ବେବିକେୟାର୍‌ରେ। ଏଭଳି ଘଟଣା ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗତ ମାସ ୩୦ ତାରିଖରେ ଉଦ୍ୟାନର ୬୦(କ) ନମ୍ବର ଖୁଆଡ଼ରେ ରହି ପର୍ଯ୍ୟଟକଙ୍କ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ଦୁର୍ଗା ପ୍ରଥମଥର ପାଇଁ ମା' ହୋଇଥିଲା। ମା' ହେବା ପରେ ମା' ଓ ଛୁଆକୁ ସମସ୍ତ ସିମ୍ପାଞ୍ଜିଠାରୁ ଅଲଗା ରଖାଯାଇଥିଲା। ହେଲେ ଏକ ମାସ ନ ପୂରୁଣୁ ନିଜ ଜନ୍ମିତ ଛୁଆକୁ ମା' ସିମ୍ପାଞ୍ଜି ଦୁର୍ଗା ଆଉ ଆପଣେଇ ନଥିଲା। ଛୁଆ ଅଣ୍ଡିରା ସିମ୍ପାଞ୍ଜିଟି ଗୋଟିଏ ଜାଗାରେ ପଡ଼ିରହୁଥିଲା। ଖୁଆଡ଼ରେ କାମ କରୁଥିବା କର୍ମଚାରୀ ଏହା ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ।

## ବିନୋଦ ଦାରୁକା ଓ ଦୀପା ରାୟ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍

# ସାନ ଭଉଣୀ ମୁଖ୍ୟ ଷଡ଼ଯନ୍ତ୍ରକାରୀ; ୭ ଗିରଫ

ରାଉରକେଲା,୨୦।୨(ସମିସ): ରାଉରକେଲା ସହରର କୋଇଲା ବ୍ୟବସାୟୀ ବିନୋଦ ଦାରୁକା ଓ ତାଙ୍କ ଘରର ମହିଳା ସହାୟିକା ଦୀପା ରାୟଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ଉଭୟ ରାଉରକେଲା ଓ ସୁନ୍ଦରଗଡ଼ ଜିଲ୍ଲା ପୁଲିସ। ଦୀପାକୁ ଅପହରଣ କରିବା ପରେ ତାଙ୍କୁ ମୁଣ୍ଡ ଜାମିନ ରଖି ବିନୋଦଙ୍କଠାରୁ ଟଙ୍କା ଦାବି କରିବା ଏବଂ ଏଥିରେ ବିଫଳ ହେବା ପରେ ଦୀପାର ସାନ ଭଉଣୀ ରାଧା ରାୟ ଓରଫ ରାଧା ସ୍ୱାଇଁ ହିଁ ଯୋଜନାବଦ୍ଧ ଭାବେ ୮ ସହଯୋଗୀଙ୍କ ସହ ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଏନେଇ ପଶ୍ଚିମାଞ୍ଚଳ ପୁଲିସ୍ ଡିଆଇଜି ବ୍ରିଜେଶ କୁମାର ରାଏ ଆଜି ରାଉରକେଲା ଏସ୍‌ପି ଅଫିସ୍ ସମ୍ମିଳନୀ କକ୍ଷରେ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛନ୍ତି। ମୃତ ପି. ଦୀପା ରାୟର ସାନ ଭଉଣୀ ରାଧା ହିଁ ଉଭୟ ହତ୍ୟାକାଣ୍ଡର ମୁଖ୍ୟ କିଙ୍ଗପିନ୍ ବୋଲି କହିଛନ୍ତି ଡିଆଇଜି ଶ୍ରୀ ରାୟ। ଏହି ଘଟଣାରେ ରାଧା ସ୍ୱାଇଁ ସହ ୭ ଜଣଙ୍କୁ ଗିରଫ କରାଯାଇଛି। ଏହା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡ୍, ଛୁରି, ୨ଟି କାର, ମୋବାଇଲ ଫୋନ ଜବତ କରାଯାଇଛି।

ଗିରଫ ଅଭିଯୁକ୍ତମାନେ ହେଲେ, ପି. ଦୀପା ରାୟର ଭଉଣୀ ତଥା ମାନଟୋଲା ବସ୍ତିରେ ରହୁଥିବା ରାଧା ରାୟ ଓରଫ୍ ରାଧା ସ୍ୱାଇଁ (୩୦), ବେଦବ୍ୟାସ ଗୁରୁଟୋଲା ବସ୍ତିର ମନୋଜ ଦାସ(୨୦), ଗୋପବନ୍ଧୁପାଲିର ଯୁବରାଜ ପାଶୱାନ(୨୧) ଓ ଶେଖ୍ ହାସିଫ୍ (୨୨), ଗାନ୍ଧିରୋଡ୍‌ର ସୁରଜ କୁମାର ସିଂହ(୨୨), ଭବେଶରାଜ ଚୌଧୁରୀ(୨୦) ଏବଂ ଝାଡ଼ଖଣ୍ଡ ବାନୋ



ଥାନା ଅଞ୍ଚଳର ଜଲ ଡେଗା ଓ ଶମ୍ଭୁନାଥ ମାହାତୋ।ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ସୂଚନା ଅନୁଯାୟୀ, ରାଧା, ମନୋଜ, ଯୁବରାଜ ଓ ଶେଖ ହାସିଫ୍ କୁତ୍ରାରେ ହୋଇଥିବା ରାଉରକେଲା ସିଭିଲ ଟାଉନସିପର କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କ ହତ୍ୟାକାଣ୍ଡରେ ସିଧାସଳଖ ସମ୍ପୃକ୍ତ ଅଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଓଡି ୨୩ - ୯୧୧୩ ନମ୍ବର କାର୍, ଗୋଟିଏ ଚାପଡ୍, ଗୋଟିଏ ଛୁରି, ମୃତ ବିନୋଦଙ୍କ କାର୍, ତାଙ୍କର ୨ଟି ମୋବାଇଲ ଫୋନ୍ ଏବଂ ମୃତ ଦୀପାର ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଏସପି ଶ୍ରୀ ୱାଧୱାନୀ କହିଛନ୍ତି, ୧୨ତାରିଖ ଦିନ ଚାନ୍ଦିପୋଷ ଥାନା କୁମାକେଲା ପୋଲ ତଳୁ ମିଳିଥିବା ଶବକୁ ନେଇ ଚାନ୍ଦିପୋଷ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ୧୫ ତାରିଖ ଦିନ ସିଭିଲ ଟାଉନସିପ୍‌ରେ ରହୁଥିବା କୋଇଲା ବ୍ୟବସାୟୀ ବିନୋଦ ଦାରୁକାଙ୍କ ନିଖୋଜ ଅଭିଯୋଗ ହୋଇଥିଲା। ୧୬ ତାରିଖ ଦିନ ସୁନ୍ଦରଗଡ଼ ପୁଲିସ ଜିଲ୍ଲା କୁତ୍ରା ଥାନା ଗମାରଡିହ ନିକଟ ତୁନମୁରା ରାସ୍ତା କଡ଼ରୁ ମିଳିଥିବା ଶବ ବିନୋଦ ଦାରୁକାଙ୍କର ବୋଲି ଚିହ୍ନଟ ହୋଇଥିଲା। ସେହିପରି ଚାନ୍ଦିପୋଷରୁ ମିଳିଥିବା ଯୁବତୀଙ୍କ ଶବ ପାଣ୍ଡୁମାରଥି ଦୀପା ରାୟ(୩୨) ବୋଲି ଚିହ୍ନଟ ହୋଇଥିଲା। ସେ ବିବାହିତା ଏବଂ ୩ଟି ସନ୍ତାନର ମାଆ ଥିଲେ। ସେ ମୃତ ବିନୋଦଙ୍କ ଘରେ ୭ ବର୍ଷ ଧରି ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ବିନୋଦ ଜଣେ ଧନୀ ବ୍ୟବସାୟୀ ହୋଇଥିବାରୁ ତାଙ୍କଠାରୁ ମୋଟା ଅଙ୍କର ଟଙ୍କା ଅସୁଲ କରିବା ଉଦ୍ଦେଶ୍ୟରେ ଦୀପାଙ୍କ ସାନ ଭଉଣୀ ରାଧା ହିଁ ଯୋଜନା କରି ତା'ର ୭/୮ ଜଣ ସହଯୋଗୀଙ୍କୁ ସାମିଲ କରିଥିଲା। ତଦନୁଯାୟୀ ରାଧା ଓ ତା'ର ସହଯୋଗୀମାନେ ଦୀପାକୁ ଅପହରଣ କରି ଥଣ୍ଡା ପାନୀୟରେ ନିଶା ଦେଇଥିଲେ। ଏଥିସହ ବିନୋଦ ଦାରୁକାଙ୍କୁ ବ୍ଲାକ୍‌ମେଲ୍ କରି ଟଙ୍କା ଦାବି କରିଥିଲେ। ମାତ୍ର ଏଥିରେ ବିଫଳ ହେବାରୁ ଦୀପାର ତଣ୍ଟି କାଟି ବ୍ରିଜ ତଳକୁ ଫିଙ୍ଗି ଦେବା ସହ କିରାସିନ ଢାଳି ପୋଡ଼ି ଦେଇଥିଲେ। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର କହିଛନ୍ତି ଯେ ଦୀପା ନିଖୋଜ ହେବା ପରେ ସେ କୁଆଁରମୁଣ୍ଡା ଅଞ୍ଚଳରେ ଅଛି ବୋଲି ପ୍ରଲୋଭନ ଦେଖାଇ ରାଧା ସ୍ୱାଇଁ ବିନୋଦଙ୍କୁ ଡାକି ନେଇଯାଇଥିଲା। ସେଠାରେ ଅଭିଯୁକ୍ତମାନେ ବିନୋଦଙ୍କୁ ଗୁଳି କରି ହତ୍ୟା କରିଥିଲେ।

■ ବଲାରପୁର କାଗଜ କଳ ଜମି ବିକ୍ରି ମସୁଧା

## ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

କଟକ,୨୦।୨(ସମିସ): ବନ୍ଦ ଅବସ୍ଥାରେ ରହିଥିବା ଚୌଦ୍ୱାରସ୍ଥିତ ବଲାରପୁର କାଗଜକଳ ଜମିକୁ ବିକ୍ରି ନିମନ୍ତେ ହେଉଥିବା ମସୁଧା ବିରୋଧରେ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।ଅନ୍ୟପଟରେ ଏହି ମାମଲାରେ ରାଜ୍ୟ ସରକାର ଓ ବଲାରପୁର ଇଣ୍ଡଷ୍ଟ୍ରିଜ ଲିମିଟେଡକୁ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ରମେଶ ଚନ୍ଦ୍ର ନାୟକ ଓ ଅନ୍ୟମାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଦୀର୍ଘବର୍ଷ ହେବ ବନ୍ଦ ହୋଇ ପଡ଼ିରହିଥିବା ଉପରୋକ୍ତ କାଗଜକଳର ଜମି ବିକ୍ରି ପାଇଁ ମସୁଧା କରାଯାଉଛି ବୋଲି ଅଭିଯୋଗ ହୋଇଛି। ରାଜ୍ୟ ସରକାର ଶିଳ୍ପ ପ୍ରତିଷ୍ଠା ପାଇଁ ବଲାରପୁର ଶିଳ୍ପ ସଂସ୍ଥାକୁ ଏହି ଜମି ପ୍ରଦାନ କରିଥିଲେ। ଏହି କାଗଜକଳ ବିଭିନ୍ନ କାରଣରୁ ବନ୍ଦ ହୋଇଯାଇଥିଲା ଓ କାଗଜ କଳର ଶତାଧିକ ଏକର ଅଧିକ ଜମିର କିସମ ପଟ୍ଟାଦାରରୁ ସ୍ଥିତିବାନକୁ ପରିବର୍ତ୍ତନ ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା।

■ ଖଣ୍ଡଗିରି ଗୁମ୍ଫା ଜବରଦଖଲ ପ୍ରସଂଗରେ ପୁଣି ଏକ ଜନସ୍ୱାର୍ଥ ମାମଲା

## ଦୁଇ ମାମଲାର ଏକତ୍ର ଶୁଣାଣି କରିବେ ହାଇକୋର୍ଟ

କଟକ, ୨୦।୨ (ସମିସ): ଖଣ୍ଡଗିରି ପାହାଡ଼ ଉପର ଗୁମ୍ଫା ଓ ପାରିପାର୍ଶ୍ୱିକ ସ୍ଥାନ ଜବରଦଖଲ ପ୍ରସଙ୍ଗକୁ ହାଇକୋର୍ଟ ପୂର୍ବରୁ ଗୁରୁତ୍ୱର ସହ ଗ୍ରହଣ କରିଆସୁଛନ୍ତି। ତେବେ ଏହି ପ୍ରସଂଗରେ ଆଉ ଏକ ଜନସ୍ୱାର୍ଥ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଦେବେନ୍ଦ୍ର ପରିଡ଼ା ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି ଆସନ୍ତା ମାର୍ଚ୍ଚ ୫ ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ଖଣ୍ଡଗିରି ଉଦୟଗିରି ଦିଗମ୍ବର ଜୈନ ସିଦ୍ଧକ୍ଷେତ୍ର ପକ୍ଷରୁ ରୁଜୁ ଏକ ଜନସ୍ୱାର୍ଥ ମାମଲା ବିଚାରାଧୀନ ଥିବା ବେଳେ ଦୁଇ ମାମଲାର ଏକତ୍ର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଗତ ଅକ୍ଟୋବର ଓ ଡିସେମ୍ବର ମାସରେ ଖଣ୍ଡଗିରି ପାହାଡରେ ଜବରଦଖଲ ନେଇ ଅଭିଯୋଗ କରାଯାଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆନଯିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟରେ ପ୍ରଥମ ମାମଲାର ଶୁଣାଣି ବେଳେ ଏହି ଗୁମ୍ଫାର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କରୁଛନ୍ତି ଓ ଏଥିପାଇଁ ଗତ ଜାନୁଆରୀରେ ୪ ସପ୍ତାହ ସମୟ ଲୋଡ଼ିଥିଲେ ଆଡଭୋକେଟ ଜେନେରାଲ। ସେହିଭଳି ଜବରଦଖଲକାରୀଙ୍କୁ ଉଚ୍ଛେଦ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଜୈନ ସମ୍ପ୍ରଦାୟଙ୍କ ପାଇଁ ଗୁରୁତ୍ୱ ବହନ କରୁଥିବା ଏହି ସ୍ମାରକ ଅଞ୍ଚଳର ଗୁମ୍ଫା ନଂ-୮ ଓ ୯ରେ ବାରଭୁଜା ଦୁର୍ଗା ଓ ମହାବୀରଙ୍କୁ ପୂଜା କରାଯାଉଥିବା ଜଣାପଡ଼ିଥିଲା।

# ଅସମ୍ପୂର୍ଣ୍ଣ ସେଚ ପ୍ରକଳ୍ପକୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର, ୨୦।୨(ସମିସ): ରାଜ୍ୟ ସରକାର ୩୧ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୨୭ ବ୍ୟାରେଜ, ୭୨ଆଇଏସଏସ ପ୍ରକଳ୍ପ ନିର୍ମାଣ ନେଇ ଯୋଜନା କରିଛନ୍ତି। ଏଥିପାଇଁ ୫୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଖୁବଶୀଘ୍ର ଏହାର ଡିପିଆର କାର୍ଯ୍ୟ ଆରମ୍ଭ ହେବ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ପ୍ରଶ୍ନକାଳରେ ଉତ୍ତର ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ।

■ ମହାନଦୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅକଳରେ ପକାଇଲା ବିଜେଡି
■ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ବାଚସ୍ପତିଙ୍କ ଅଞ୍ଚଳରେ ବୋରୱେଲ ଅଚଳ
■ ୩୧ ସେଚ ପ୍ରକଳ୍ପ ଓ ୨୭ ବ୍ୟାରେଜ ନିର୍ମାଣ ଯୋଜନା ଚାଲିଛି: ମନ୍ତ୍ରୀ

ଗୁରୁବାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ତେଲିଙ୍ଗିରି ଜଳସେଚନ ପ୍ରକଳ୍ପ ବନ୍ଦ ହୋଇଥିବା କଥା କହି ଉଦବେଗ ପ୍ରକାଶ କରିଥିଲେ। ଯାହାର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ବର୍ଷା ଋତୁ ପୂର୍ବରୁ ଏହି ସମସ୍ୟାର ସମାଧାନ ହେବ। ବିଜେଡି ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମହାନଦୀ ଜଳ ବିବାଦ ପ୍ରସଙ୍ଗ ଉଠାଇ ପୂର୍ବ ସରକାର ସମୟରେ ଇନଷ୍ଟିମ ଷ୍ଟୋରେଜ ପ୍ରକଳ୍ପ ଟେଣ୍ଡର ବାତିଲ ସମ୍ପର୍କରେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ୮ଟି ବ୍ୟାରେଜ କରିବା ଯୋଗୁଁ ହୀରାକୁଦ ସଙ୍କଟାପନ୍ନ ଅଛି। ହୀରାକୁଦର ତଳ ମୁଣ୍ଡରେ ସୁଖାସୋଡ଼ା ଶୁଖି ଗଲାଣି। ହୀରାକୁଦ ଡ୍ୟାମ ତଳମୁଣ୍ଡରେ ଇନଷ୍ଟ୍ରିମ ଷ୍ଟୋରେଜ ଭଳି କିଛି ବ୍ୟାରେଜ କରିବା ରାଜ୍ୟ ସରକାରଙ୍କ ଯୋଜନା ଅଛି କି ? ତତ୍କାଳୀନ ସରକାର ୨ ଟି ପ୍ରକଳ୍ପ ପାଇଁ ଟେଣ୍ଡର କରିଥିଲେ, ସେ ଟେଣ୍ଡର କାହିଁକି ବାତିଲ କଲେ ବୋଲି ସେ ପ୍ରଶ୍ନ କରିଥିଲେ। ଉତ୍ତରରେ ମୁକେଶ ମହାଲିଙ୍ଗ କହିଥିଲେ ଯେ, ଛତିଶଗଡ଼ ରେ ଯେଉଁ ଡ୍ୟାମ ହୋଇଛି ତାକୁ ନେଇ ବିଧାନସଭାରେ ଅନେକ ବାର ଆଲୋଚନା ହୋଇଛି। ୮ ମାସ ଭିତରେ ଅନେକ ନୂଆ ପ୍ରକଳ୍ପ ପାଇଁ ଯୋଜନା କରି ଡିପିଆର ପ୍ରସ୍ତୁତ କରୁଛୁ ବୋଲି କହିଥିଲେ। ସେହିଭଳି ଏହି ପ୍ରଶ୍ନ ଆଲୋଚନା ବେଳେ ଅତିରିକ୍ତ ପ୍ରଶ୍ନ କର୍ତ୍ତା ସାରଦା ଜେନା ଗୋବରୀ ନଦୀ, ରାମଚନ୍ଦ୍ର କାଡାମ ସିମିଳିଗୁଡା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ସମ୍ପର୍କରେ ପ୍ରଶ୍ନ କରିଥିଲେ। ସୁବର୍ଣ୍ଣରେଖା ଜଳ ପ୍ରକଳ୍ପକୁ ନେଇ ବଡ଼ସାହି ବିଜେପି ବିଧାୟକ ସନାତନ ବିଜୁଳି ଉଦବେଗ ପ୍ରକାଶ କରିଥିଲେ। ବିଧାୟକଙ୍କ ପ୍ରଶ୍ନରେ ନୟାଗଡ଼ କଥା ଉଠାଇ ବାଚସ୍ପତି ସୁରମା ପାଢ଼ୀ ନୟାଗଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ୧୨୭ ଟି ବୋରୱେଲ ଅଚଳ ପଡ଼ିଥିବା କହିଥିଲେ। ଉତ୍ତରରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ।

# ମାହାଙ୍ଗାରେ ଖଣ୍ଡଯୁଦ୍ଧ: ଶାସକ ଦଳ ସମର୍ଥକ- ଜନପ୍ରତିନିଧି ମୁହାଁମୁହିଁ

■ ବିଧାୟକ ସମର୍ଥକଙ୍କ ଗୁଣ୍ଡାଗର୍ଦ୍ଦିକୁ ବିଜେଡିର ନିନ୍ଦା
■ ନିର୍ବାଚିତ ପ୍ରତିନିଧିଙ୍କୁ ଭେଟିଲା ଫାକ୍ଟ ଫାଇଣ୍ଡିଂ ଟିମ୍
■ ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ୧୦ଦିନ ସ୍ଥଗିତ

ମାହାଙ୍ଗା/ଭଦ୍ରେଶ୍ୱର, ୨୦।୨(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ପରିସରରେ ୫ ଦଫା ଦାବି ନେଇ ଧାରଣାରେ ବସିଥିବା ଜନପ୍ରତିନିଧିଙ୍କ ଉପରେ ବିଧାୟକଙ୍କ ସମର୍ଥକମାନଙ୍କ ଆକ୍ରମଣକୁ ନେଇ ସୃଷ୍ଟି ହୋଇଛି ଖଣ୍ଡଯୁଦ୍ଧ। ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏପରିକି ବିଧାୟକ ସମର୍ଥକମାନଙ୍କ ଆକ୍ରମଣରେ ଜଣେ ପୁଲିସ ଅଧିକାରୀ ଆହତ ହୋଇଛନ୍ତି।

ଅଭିଯୋଗ ଅନୁସାରେ ପୂର୍ବ ସରକାର ଅମଳରେ କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ବିଲ୍‌କୁ ବ୍ଲକ ପ୍ରଶାସନ ସ୍ଥାନୀୟ ବିଧାୟକଙ୍କ ଇଙ୍ଗିତରେ ଅଟକାଇ ରଖିଛି। ଫଳରେ ଦୀର୍ଘ ୮ମାସ ଧରି ବ୍ଲକ କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ବୁଧବାର ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଆଜି ଦ୍ୱିତୀୟ ଦିନ ମଧ୍ୟ ଧାରଣା ଜାରି ରହିଥିଲା। ମାତ୍ର ଆଜି ବିଧାୟକଙ୍କ ସମର୍ଥକ



କୁହାଯାଉଥିବା କିଛି ଲୋକ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଜଣେ ମହିଳା ଜନ ପ୍ରତିନିଧି ସୁସ୍ମିତା ଦାସଙ୍କ ଉପରକୁ ଚେୟାର ଫିଙ୍ଗିଥିଲେ। ଏଥିରେ ସୁସ୍ମିତା ଆହତ ହୋଇଥିଲେ। ସେହିପରି ଘଟଣାସ୍ଥଳରେ ଉପସ୍ଥିତ ସାଲେପୁର ଏସ୍‌ଡିପିଓ ବିରଞ୍ଚି ପତି ମଧ୍ୟ ବିଧାୟକ ସମର୍ଥକଙ୍କ ଆକ୍ରମଣରେ ଆହତ ହୋଇଥିଲେ। ଯାହାଫଳରେ ଶ୍ରୀ ପତିଙ୍କ ମୁଣ୍ଡ ଫାଟି ଯାଇଥିଲା। ଏହାପରେ ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୁଲିସକୁ ଲାଠିଚାଳନା କରିବାକୁ ପଡ଼ିଥିଲା।

ଘଟଣା ସମ୍ପର୍କରେ ସୂଚନା ପାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ଫାକ୍ଟ ଫାଇଣ୍ଡିଂ ଟିମ୍ ପହଞ୍ଚି ଧାରଣାରତ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ ତଥା ୩୪ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ଡ. ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ବିଧାୟକ ଧ୍ରୁବ ସାହୁ, ପ୍ରଶାନ୍ତ ବେହେରା ଓ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବ୍ଲକର ବିକାଶମୂଳକ କାର୍ଯ୍ୟକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରି ସ୍ୱାଧୀନ ବିଧାୟକଙ୍କ ସମର୍ଥକମାନଙ୍କ ଗୁଣ୍ଡାଗର୍ଦ୍ଦିକୁ ନିନ୍ଦା କରିଛନ୍ତି। ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲା ପରିଷଦର ସିଡିଓଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ୧୦ ଦିନ ପାଇଁ ସ୍ଥଗିତ ରଖାଯାଇଛି। ପ୍ରଶାସନ ବ୍ଲକରେ ଉପୁଜିଥିବା ସ୍ଥିତାବସ୍ଥାକୁ ତୁରନ୍ତ ନ କଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛି। ଏହି ସମୟରେ ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶା ଶିଳ୍ପ ସଂଘର ବାର୍ଷିକ ସାଧାରଣ ସଭା

# ମଧୁସୂଦନଙ୍କ ଜନ୍ମଦିନ ଶିଳ୍ପୋଦ୍ୟୋଗୀ ଦିବସ ଭାବେ ପାଳନ ହେଉ

କଟକ, ୨୦।୨ (ସମିସ): ଓଡ଼ିଶାର ପ୍ରଥମ ଶିଳ୍ପୋଦ୍ୟୋଗୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନକୁ ଶିଳ୍ପୋଦ୍ୟୋଗୀ ଦିବସ ଭାବେ ସରକାର ପାଳନ କରିବାକୁ ଓଡ଼ିଶା ଶିଳ୍ପ ସଂଘର ବାର୍ଷିକ ସାଧାରଣ ସଭାରେ ମତ ପ୍ରକାଶ ପାଇଛି। ଶିଳ୍ପୋଦ୍ୟୋଗୀମାନେ ଏକ ସ୍ୱତନ୍ତ୍ର ଜାତି। ସେମାନେ ବାଧାବିଘ୍ନକୁ ଭ୍ରୂକ୍ଷେପ ନ କରି ଅକ୍ଲାନ୍ତ ପରିଶ୍ରମ ଜରିଆରେ ଦେଶର ଉତ୍ପାଦନ ସୂଚକାଙ୍କ ବୃଦ୍ଧି, ରାଜସ୍ୱ ପ୍ରଦାନ ସହ ବିଭିନ୍ନ ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତି। ଏଣୁ ଶିଳ୍ପୋଦ୍ୟୋଗୀମାନଙ୍କ ଏକତା ଏକାନ୍ତ ଜରୁରୀ ବୋଲି ଓଡ଼ିଶା ଶିଳ୍ପ ସଂଘର ବାର୍ଷିକ ସାଧାରଣ ସଭାରେ ଅଧ୍ୟକ୍ଷତା କରି ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ମତ ପ୍ରକାଶ କରିଥିଲେ।

ଉପସ୍ଥିତ ସଭ୍ୟମାନେ ମଧ୍ୟ ନିଜର ମତବ୍ୟକ୍ତ କରି କହିଥିଲେ ଯେ ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପମାନଙ୍କ ଅବଦାନ ଅଧିକ ଏବଂ ନିଯୁକ୍ତି କ୍ଷେତ୍ରରେ ଅଥବା ରାଜସ୍ୱ ପ୍ରଦାନରେ ଅଗ୍ରଣୀ। ସଭାପତି ପୁଷ୍ପା ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଗୌରଗୋପାଳ ସେନ୍ ବାର୍ଷିକ ବିବରଣୀ ଓ ବିତ୍ତ ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତି ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ବାର୍ଷିକ ସାଧାରଣ ବୈଠକରେ ଆସନ୍ତା ଦୁଇ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଅଧ୍ୟକ୍ଷ ଭାବେ ଅବନୀ କାନୁନ୍‌ଗୋ ପୁନଃ ନିର୍ବାଚିତ ହୋଇଥିବା ବେଳେ ରାଜେଶ କାନୁନ୍‌ଗୋ ସଭାପତି, ବିନୋଦ ଭୁତ୍ ଓ ଦେବେନ୍ ରାୟ ଉପସଭାପତି, ଦେବେନ୍ଦ୍ର ପ୍ରସାଦ ଶର୍ମା ସାଧାରଣ ସମ୍ପାଦକ, ସିଦ୍ଧାର୍ଥ କାନୁନ୍‌ଗୋ କାର୍ଯ୍ୟକାରୀ ସମ୍ପାଦକ, ଶୁଭକାନ୍ତ ପଣ୍ଡା ବିତ୍ତ ସମ୍ପାଦକ, ରୁଦ୍ରନାରାୟଣ ଆଚାର୍ଯ୍ୟ ସଂଗଠନ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିବା ବେଳେ ୧୪ଜଣ ସଭ୍ୟ ଅଜୟ ପଣ୍ଡା, ଅନିରୁଦ୍ଧ ପୁହାଣ, ଅରୁଣ ବାଗାରିଆ, ଅଶୋକ ସାହୁ, ବିପିନ୍ ଦଣ୍ଡପାଟ, ବିଭୁଦତ୍ତ ସାମନ୍ତରାୟ, ବିକାଶ ମହାପାତ୍ର, ବିନିତା ଦାଶ, ଦୀପକ ଅଗ୍ରୱାଲ୍, କୌଶିକ ଗରାବଡୁ, ମାନସ ଦାଶ, ପ୍ରଶାନ୍ତ ମହାପାତ୍ର, ରମାବଲ୍ଲଭ ନାୟକ ଓ ସୁଧାକର ସ୍ୱାଇଁ କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ଭବାନୀ ପଣ୍ଡିତ ନିର୍ବାଚନ ଅଧିକାରୀ ଭାବରେ ନିର୍ବାଚନ ପରିଚାଳନା କରିଥିଲେ।




ବିଭିନ୍ନ ପ୍ରସଙ୍ଗରେ ମତବ୍ୟକ୍ତ କରି ବରିଷ୍ଠ ସଦସ୍ୟ ମାନସ ଦାସ, ରାଜେଶ କାନୁନ୍‌ଗୋ, ଅଜୟ ପଣ୍ଡା, ସୁଶ୍ରୀ ସଂଗୀତା ଦାଶ ସଂଘର ଆଗାମୀ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନିଜସ୍ୱ ମତବ୍ୟକ୍ତ କରଥିଲେ। ବରିଷ୍ଠ ସଦସ୍ୟ ଭବାନୀ ପଣ୍ଡିତ ଓଡ଼ିଶାର ପ୍ରଥମ ଶିଳ୍ପୋଦ୍ୟୋଗୀ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନକୁ ଶିଳ୍ପୋଦ୍ୟୋଗୀ ଦିବସ ଭାବେ ସରକାର ସ୍ୱୀକୃତି ପ୍ରଦାନ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ଏହାକୁ ସର୍ବସମ୍ମତ ଭାବେ ଗ୍ରହଣ କରାଯାଇଥିଲା। ଶେଷରେ ବିନୋଦ ଭୁତ୍ ଧନ୍ୟବାଦ ଦେଇଥିଲେ। ବୈଠକରେ ପ୍ରିୟନାଥ ମହାନ୍ତି, ମୁସାରତ୍ ସରିଫ, ନୀହାର ସ୍ୱାଇଁ, ଚିତ୍ତରଞ୍ଜନ ସାହୁଙ୍କ ସମେତ ବହୁ ଶିଳ୍ପୋଦ୍ୟୋଗୀ ଉପସ୍ଥିତ ଥିଲେ।

## ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲା

# ଆଉ ୫ଜଣ ଗିରଫ, ରିମାଣ୍ଡରେ ପୁରୁଷ ବନ୍ଧୁ

ଭୁବନେଶ୍ୱର,୨୦।୨(ସମିସ): ନେପାଳୀ ଛାତ୍ରୀ ପ୍ରକୃତି ଲମସାଲ ଆତ୍ମହତ୍ୟା ଘଟଣାରେ ଇନ୍ଫୋସିଟି ଥାନା ପୁଲିସ ପୁଣି କିଟ୍ର ୫ ଜଣ କର୍ମଚାରୀ ଅଜୟ କୁମାର ସ୍ୱାଇଁ, ସରୋଜ କୁମାର ରାଉତରାୟ, ଚନ୍ଦନ କୁମାର ସ୍ୱାଇଁ, ସୁଧାଂଶୁଶେଖର ବେହେରା ଏବଂ ରମାକାନ୍ତ ସେଠୀଙ୍କୁ ଗିରଫ କରିଛି। ସେହିପରି



**ଅଭିଯୁକ୍ତଙ୍କର ହେବ ଭଏସ୍ ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ**

ଗିରଫ ହୋଇଥିବା ମୃତ ଛାତ୍ରୀଙ୍କ କଥିତ ପୁରୁଷ ବନ୍ଧୁ ଅଭିକ ଶ୍ରୀବାସ୍ତବକୁ ୩ଦିନିଆ ରିମାଣ୍ଡରେ ନେଇଛି ପୁଲିସ। ପ୍ରକୃତିଙ୍କୁ ନିର୍ଯାତନା ପଛରେ ଅଭିକଙ୍କ ବାସ୍ତବ ଉଦ୍ଦେଶ୍ୟ ଓ ଭାଇରାଲ ହେଉଥିବା ଅଡ଼ିଓର ସତ୍ୟତା ଜାଣିବା ପାଇଁ ତାଙ୍କର ଭଏସ ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ ପାଇଁ ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟ ଫରେନସିକରେ ଏହି ପରୀକ୍ଷା କରାଯିବ ଏବଂ ଯୁବତୀଙ୍କୁ ଦେଇଥିବା ଗାଳି ଗୁଲଜ ଅଡିଓ ସହ ଅଭିକଙ୍କ ସ୍ୱର ମେଳ କରାଯିବ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୭ ତାରିଖ ୧୧ ଟାରୁ ୧୨.୨୦ ମଧ୍ୟରେ ଛାତ୍ରଛାତ୍ରୀମାନେ ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ଖାଲି କରୁଥିବା ବେଳେ ଆଜି ଗିରଫ ହୋଇଥିବା ବ୍ୟକ୍ତିମାନେ ସେଠାରେ ପହଞ୍ଚି ଶୀଘ୍ର କ୍ୟାମ୍ପସ ଛାଡ଼ି ଯିବା ପାଇଁ ତାଗିଦ୍ କରିଥିଲେ। ମାତ୍ର ଛାତ୍ରଛାତ୍ରୀମାନେ ହଷ୍ଟେଲ ଖାଲି କରିବାରେ ଟିକେ ବିଳମ୍ବ କରିବାରୁ ସେମାନେ ହଠାତ୍ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ମାରପିଟ କରିଥିଲେ। ଆକ୍ରମଣ ଘଟଣାର ସିସିଟିଭି ଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ପରୀକ୍ଷା କରି ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ୫ଜଣ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବା ପରେ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି।

## କିଟ୍ ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତଙ୍କୁ ନୋଟିସ

ଭୁବନେଶ୍ୱର, ୨୦।୨(ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଆତ୍ମହତ୍ୟା ପରେ ଉପୁଜିଥିବା ବିବାଦ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଆଯାଇଥିବା ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କିଟ୍ ଓ କିସ୍ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ନୋଟିସ୍ କରିଛି ଉଚ୍ଚଶିକ୍ଷା ବିଭାଗ। ଘଟଣାର ଯାଞ୍ଚ ପାଇଁ ଗଠନ ହୋଇଥିବା ଉଚ୍ଚ ସ୍ତରୀୟ କମିଟି ଆଗରେ ଆସନ୍ତାକାଲି ଅର୍ଥାତ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ହାଜର ହୋଇ ପ୍ରମାଣ ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଡ. ସାମନ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ଅଟକ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଟାଙ୍ଗୀ,୨୦।୨(ସମିସ)

ବିବାହକୁ ଦେଢ଼ବର୍ଷ ପୂରିନି। ଘର କାନ୍ଥରୁ ଚିତା ଲିଭିନି। କୋଳରେ ୫ ମାସର ଶିଶୁପୁତ୍ର। ବାପଘର ଗ୍ରାମରେ ଆୟୋଜିତ ଯଜ୍ଞରେ ଯୋଗଦେବା ନିମିତ୍ତ ପ୍ରସ୍ତୁତି ସାରିଥିଲେ। ସ୍ୱାମୀ କାର୍ଯ୍ୟକ୍ଷେତ୍ରରୁ ଫେରିଲେ ସାଙ୍ଗରେ ନେବାର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଗୋଡ଼ ତଳେ ଲାଗୁ ନ ଥାଏ। ହେଲେ ସବୁକିଛି ଓଲଟପାଲଟ ହୋଇଗଲା। ସନ୍ଧ୍ୟା ୭ଟାରେ ଘରକୁ ଯିବା ପାଇଁ ଫୋନ୍ କରିଥିବା ଝିଅର ମୃତ୍ୟୁ ଖବର ସନ୍ଧ୍ୟା ୮ଟାରେ ମିଳିବା ପରିବାର ଲୋକଙ୍କୁ ଚକିତ କରିଥିଲା। ଫାଶୀ ଲଗାଇ ଝିଅ ଆତ୍ମହତ୍ୟା କରିଥିବା ସୂଚନା ପାଇ ପରିବାର ଲୋକେ ଆସି ଦେଖିଲା ବେଳକୁ ମୃତ ଅବସ୍ଥାରେ ଝିଅ ଖଟ ଉପରେ ଶୋଇଥିବା ଦେଖିଥିଲେ। ଏଭଳି ଘଟଣା କଟକ ଜିଲ୍ଲା ଟାଙ୍ଗୀ ଥାନା ଡ୍ରିମ୍ସ ଫାଣ୍ଡି ତଥା ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର(ସାମନ୍ତରାପୁର) ଗ୍ରାମରେ ଗୁରୁବାର ଆଲୋଡ଼ନ ସୃଷ୍ଟି କରିଛି। ମୃତ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଟାଙ୍ଗୀ ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ



ଜବତପୂର୍ବକ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପ୍ରେରଣ କରିଛି। ମୃତ ମହିଳାଙ୍କ ସ୍ୱାମୀଙ୍କୁ ଅଟକ ରଖି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ପରିବାରରର ସମସ୍ତ ସଦସ୍ୟ ଫେରାର ହେବା ହତ୍ୟା ଘଟଣାକୁ ବଳ ଯୋଗାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁକିଛି ସ୍ପଷ୍ଟ ହେବ ବୋଲି ଆଇଆଇସି ଶିବପ୍ରସାଦ ଭଦ୍ର ଜଣାଇଛନ୍ତି।

ସୂଚନା ଅନୁଯାୟୀ, ଜଗନ୍ନାଥପୁର ଗ୍ରାମର ରାଜୁ ଓରଫ ରାଜେନ୍ଦ୍ର ସ୍ୱାଇଁ ୨୦୨୩ ଡିସେମ୍ବର ୧୦ ତାରିଖରେ ଯାଜପୁର ଜିଲ୍ଲା ବୈରୀ ଥାନା ଅନ୍ତର୍ଗତ ରଙ୍ଗିଦାସପୁର ଗ୍ରାମର ନିର୍ମଳ ପ୍ରଧାନଙ୍କ କନ୍ୟା ସିତୁଙ୍କୁ ବିବାହ କରିଥିଲେ। ଝିଅଘର ଗରିବ ଯୋଗୁଁ ଘରକରଣା ସାମଗ୍ରୀ ଦେଇ ଗ୍ରାମସ୍ଥ ମନ୍ଦିରରେ ବିବାହ ସଂପନ୍ନ କରାଇଥିଲେ। ଦାମ୍ପତ୍ୟ ଜୀବନ ପ୍ରାୟ ୬ ମାସ ବିତିବା ପରେ ଯୌତୁକଜନିତ ଘଟଣା ନେଇ ପରିବାରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଫଳରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ଚେଷ୍ଟା କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ବାପଘର ଯିବାକୁ ପ୍ରସ୍ତୁତି ସାରି ଘରକୁ ଫୋନ୍ କରିବାର କିଛି ସମୟ ପରେ ସିତୁଙ୍କ ଜୀବନ ଅକାଳରେ ଝଡ଼ି ପଡ଼ିବା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

# ଅଳଙ୍କାର ଦୋକାନରୁ ଲୁଟ୍ ଉଦ୍ୟମ

## କବାଟ ଠକ୍ ଠକ୍ ଶୁଣି ଚମ୍ପଟ ମାରିଲେ ୪ ଲୁଟେରା



ତ୍ରିଶୂଳିଆ,୨୦।୨(ସମିସ): ବାରଙ୍ଗ ଥାନା ଅଧୀନ ଗୋଡିସାହି ଫାଣ୍ଡି ଅଧୀନ ନରାଜ ବଜାରରେ ଥିବା ଏକ ସୁନା ଅଳଙ୍କାର ଦୋକାନରୁ ୪ଜଣ ଲୁଟେରା ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତ୍ରିରେ ୪ଜଣ ଲୁଟେରା ଗ୍ୟାଙ୍ଗ ନରାଜ ବଜାରରେ ଥିବା ମା' ଅଳଙ୍କାର ସୁନା ଦୋକାନରୁ ଲୁଟ ଉଦ୍ୟମ କରିଥିଲେ। ସୁନା ଦୋକାନର ପାଖକୁ ଲାଗି ରହିଥିବା ଦୁଇଟି ଘରର ବାହାର ପଟୁ କବାଟ ବନ୍ଦ କରିଥିଲେ। ଅଳଙ୍କାର ଦେକାନର ଆଗରେ ଥିବା ଜାଲି ଗେଟ୍‌କୁ ଏକ ଧାରୁଆ କଟର ମାଧ୍ୟମରେ କାଟିବା ପରେ ସଟରକୁ କାଟିବାରେ ସଫଳ ମଧ୍ୟ ହୋଇଥିଲେ। ଭିତରେ ଥିବା ଲୁହା ଜାଲି ଗେଟ୍‌କୁ ଏକ ଶାବଳ ସାହାଯ୍ୟରେ ତାଡିବା ପାଇଁ ଆରମ୍ଭ କରୁଥିବା ସମୟରେ ପୂର୍ବରୁ ଲୁଟେରାମାନେ କବାଟ ଦେଇଥିବା ଘର ମଧ୍ୟରୁ କବାଟ ବାଡେଇବାର ଶବ୍ଦ ହେବାରୁ ଚମ୍ପଟ ମାରିଥିଲେ। ପରେ ସୁନା ଦୋକାନର ସମ୍ମୁଖରେ ଥିବା ଘର ମାଲିକ ନକୁଳ ସାହୁ ନିକଟରେ ରହୁଥିବା ଲୋକଙ୍କୁ ଫୋନ କରି କବାଟ ଖୋଲିବାକୁ କହିଥିଲେ। ସୁନା ଦୋକାନକୁ ଲାଗିଥିବା ଘର ବି ବାହାର ପଟୁ କବାଟ ଦିଆଯାଇଥିବା ବେଳେ ସୁନା ଦୋକାନରୁ ଲୁଟ ଉଦ୍ୟମ ହୋଇଥିଲା। ଏ ସମ୍ପର୍କରେ ଗୋଡିସାହି ଫାଣ୍ଡିକୁ ଜଣାଇବା ପରେ ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ତଦନ୍ତ ଆରମ୍ଭ କରିଥିଲେ। ସୁନା ଦୋକାନୀଙ୍କ ଅଭିଯୋଗକୁ ଆଧାର କରି ଗୋଡିସାହି ଫାଣ୍ଡି ପୁଲିସ ତଦନ୍ତ ଜାରି ରଖିଛି।

# ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

ନିଆଳି,୧୯।୨(ସମିସ): ନିଆଳି ୬୦ନଂ ରାଜ୍ୟ ରାଜପଥର ନିଆଳି ବ୍ଲକ ପୁରୁଣା ଛକ ନିକଟରେ ଗୁରୁବାର ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ପୂର୍ବାହ୍ନରେ ବାଲିପାଟଣା ଥାନା ଅନ୍ତର୍ଗତ ମହୁଖଣ୍ଡା ଗ୍ରାମର ପ୍ରେମାନନ୍ଦ ତ୍ରିପାଠୀ (୫୨) ନିଆଳି ଥାନା ଛକ ପଟୁ ନିଆଳି ବଜାର ଆଡକୁ ଯାଉଥିବା ବେଳେ ପୁରୁଣା ବ୍ଲକ ଛକ ନିକଟରେ ତାଙ୍କୁ ପଛପଟୁ ଓଡି ୦୫ ବିପି ୫୭୧୪ ହାଇୱାଟି ଧକ୍କା ଦେବା ସହ ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କୁ ଉଦ୍ଧାର କରାଯାଇ ନିଆଳି ମେଡିକାଲ ଓ ପରେ କଟକ ବଡମେଡିକାଲ୍‌କୁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିଆଳି ପୁଲିସ ଘଟଣାସ୍ଥଳରୁ ଉକ୍ତ ହାଇୱାଟିକୁ ଜବତ କରିଥିବା ବେଳେ ଡ୍ରାଇଭରକୁ ଅଟକ ରଖିଥିବା ଜଣାଯାଇଛି।

# ମହିଳାଙ୍କୁ ଆକ୍ରମଣ ଓ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

ସାଲେପୁର,୨୦।୨(ସମିସ): ଜଣେ ବିଧବାଙ୍କ ସହ ତାଙ୍କ ଦେଢ଼ଶ୍ୱଶୁର ଅନୈତିକ ସଂପର୍କ ସ୍ଥାପନ କରିବା ପାଇଁ ଚାପ ପ୍ରୟୋଗ କରିବା ଓ ମହିଳା ଜଣକ ଦେଢ଼ଶ୍ୱଶୁର କଥାରେ ରାଜି ନ ହେବାରୁ ଦେଢ଼ଶ୍ୱଶୁର, ବଡ଼ଯା' ମିଶି ସଂପୃକ୍ତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ନେଇ ମହିଳା ଜଣକ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ରସୁଲପୁର ଗ୍ରାମର ସିମାଲି ରାଉତଙ୍କ ସ୍ୱାମୀଙ୍କ ୩ବର୍ଷ ତଳେ ମୃତ୍ୟୁ ହୋଇସାରିଛି। ସ୍ୱାମୀଙ୍କ ମୃତ୍ୟୁପରେ ଜମିଜମା ବିବାଦକୁ ନେଇ ସିମାଲି ରାଉତ ଦେଢ଼ଶ୍ୱଶୁର ରବିନ୍ଦ୍ର ବେହେରା, ଅଭିରାମ ବେହେରା, ମୋହନ ବେହେରା, ବଡ଼ଯା ସୁମିତ୍ରା ବେହେରାଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏନେଇ ସୀମାଲି ସାଲେପୁର ଥାନାରେ ବାରମ୍ବାର ଅଭିଯୋଗ କରିବା ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ଗତକାଲି ରାତି ୮ଟା ସମୟରେ ସୀମାଲି ଓ ପୁଅକୁ ଶାଶୂଘରେ ରଖାଇ ନ ଦେବା ଉଦ୍ଦେଶ୍ୟରେ ସଂଘବଦ୍ଧ ଭାବେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସୁମିତ୍ରା ସିମାଲିର ବ୍ଲାଉଜ୍ ଚିରି ତାଙ୍କୁ ଅର୍ଦ୍ଧ ଉଲଗ୍ନ କରିଥିଲେ। ଏହାର ସୁଯୋଗ ନେଇ ତାଙ୍କ ଦେଢ଼ଶ୍ୱଶୁର ଅଭିରାମ ତାଙ୍କୁ ଦୁଷ୍କର୍ମ କରିବା ପାଇଁ ମଧ୍ୟ ଉଦ୍ୟମ କରିବା ସହ ପୁଅକୁ ଜୀବନରୁ ମାରିଦେବା ପାଇଁ ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଛି। ସାଲେପୁର ପୁଲିସ ଏନେଇ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ସମାଜସେବୀ ସୋମନାଥ ପତିଙ୍କ ସ୍ମୃତିସଭା

ନିଶ୍ଚିନ୍ତକୋଇଲି,୨୦।୨(ସମିସ): ସରପଡ଼ା ପଞ୍ଚାୟତ ସାଧୁପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଦିବଂଗତ ସୋମନାଥ ପତିଙ୍କ ଦ୍ୱାଦଶ ଦିବସରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ସାହିତ୍ୟିକ ପ୍ରସନ୍ନ କୁମାର ପତିଙ୍କ ପୌରହିତ୍ୟରେ ଏଥିରେ ଶିକ୍ଷାବିତ୍ ରମାକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ସାହୁ, ସମାଜସେବୀ ଦ୍ୱାରିକାନାଥ ପଣ୍ଡା, ନୀଳକଣ୍ଠ ନନ୍ଦ, ଶିବବ୍ରତ ପଣ୍ଡା, ନରେଶ ସାହୁ, ଦିନବନ୍ଧୁ ସାହୁ, ପରମାନନ୍ଦ ପଣ୍ଡା, ରଞ୍ଜନ ପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ପୁତ୍ର ମନୋରଞ୍ଜନ ପତି ଧନ୍ୟବାଦ ଦେଇଥିଲେ।

# ଲାଲବାଗ୍ ଉପ୍ରା ସ୍କୁଲର ପୁରସ୍କାର ବିତରଣ ଉତ୍ସବ



ନିଶ୍ଚିନ୍ତକୋଇଲି,୨୦।୨(ସମିସ): ଜିଗ୍ନୀପୁର ପଞ୍ଚାୟତ ଅଧୀନ ଲାଲବାଗ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ନାୟକଙ୍କ ସଭାପତିତ୍ୱରେ ସିଆରସିସି ସୁଶାନ୍ତ ପଣ୍ଡା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମଣ ଲେଙ୍କା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷା ଅନୁ ନିରୀକ୍ଷକ କୈଳାଶଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ନାରାୟଣ ରାଉତ ଓ ପାର୍ବତୀ ନନ୍ଦ ଯୋଗ ଦେଇଥିଲେ। ଚଳିତ ବର୍ଷ ସର୍ବୋତ୍ତମ ଛାତ୍ର ଭାବେ ଚିନ୍ମୟୀ ରାଉତ, ମେଧାବୀ ଛାତ୍ରୀ ଭାବେ ଶୁଭାସିନୀ ସେଠୀ ଓ ସ୍କୁଲ ଚାମ୍ପିଅନ ଭାବେ ଝରଣା ବେହେରାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ କ୍ରୀଡ଼ା ଚାମ୍ପିଅନ ଭାବେ ଚାନ୍ଦିନୀ ବେହେରା, ଦେବୀକୃପା ମଳିକ, ଇସମାଇଲ ଅହମ୍ମଦ ସମେତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନର୍ମଦା ବାରିକ, ଶିକ୍ଷକ ମଳୟ ମହାପାତ୍ର, ରାଜେଶ ରାଉତ, ପୁଷ୍ପାଞ୍ଜଳି ବେହେରା, ଝୁମା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲ କମିଟିର ସଭାପତି ତ୍ରିଲୋଚନ ଜେନା ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ଫୁଲନଖରା,୨୦।୨(ସମିସ): କଟକ ସଦର ବ୍ଲକସ୍ତରୀୟ ୧୪ତମ ପ୍ରଧାନଶିକ୍ଷକ ସମ୍ମିଳନୀ ଦେଉଳିସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ଦାଶ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଓଜିପିସି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଲ୍ୟାଣୀ ରାୟ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଜିଲ୍ଲା ସ୍କାଉଟ୍ କମିଶନର ଅଶୋକ ମହାପାତ୍ର, ଜିଲ୍ଲା ଅର୍ଗାନାଇଜିଂ କମିଶନର ପ୍ରଦୀପ ମହାନ୍ତି ଅତିଥି ଭାବରେ ୩୮ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପ୍ରତି ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ ୟୁନିଟ୍ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ସତ୍ୟଜିତ୍ ତ୍ରିପାଠୀ, କଳ୍ପତରୁ ପାଗଳ ୟୁଡାଇସ୍ ପ୍ଲସ୍, ଉତ୍କର୍ଷ, ଖାନ ଏକାଡେମୀ, ପଞ୍ଚସଖା ସେତୁ ଗଠନ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଆକାଂକ୍ଷୀ ପାଠ୍ୟକ୍ରମ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକମାନେ ବାଲୁଙ୍କେଶ୍ୱର ବିଦ୍ୟାପୀଠର ବିଜ୍ଞାନାଗାର, ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସ୍ ପ୍ରଭୃତି ପରିଦର୍ଶନ କରିଥିଲେ। ରୂପାଲୀ ରୂପଜିତା ଧନ୍ୟବାଦ ଦେଇଥିଲେ।

# ଆଞ୍ଚଳିକ ସାମ୍ବାଦିକ ସଂଘର କର୍ମକର୍ତ୍ତା ମନୋନୀତ; ବାର୍ଷିକ ଉତ୍ସବ ମାର୍ଚ୍ଚ ୩୦ରୁ



ସାଲେପୁର, ୨୦।୨(ସମିସ): ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ ୧ ତିନି ଦିନ ଧରି ଉତ୍କଳ ଦିବସ ଓ ସଂଘର ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ ଦାଶ, ମହାସଚିବ ଭାବେ ମନୋଜ ଆଚାର୍ଯ୍ୟ, କାର୍ଯ୍ୟକାରିଣୀ ସଭାପତି ଭାବେ ଶାରଦା ପଣ୍ଡା, ଉପସଭାପତି ଭାବେ ଦୀପକ ଦାସ, ମନୋଜ ମହାନ୍ତି, ସଂପାଦକ ହୃଷିକେଶ ମଲ୍ଲିକ, ସହ ସଂପାଦକ ଅରବିନ୍ଦ ଭୂୟାଁ, କୋଷାଧ୍ୟକ୍ଷ ସୁଧୀର ଶତପଥୀ, ଅଫିସ ପରିଚାଳକ ଭାବେ ହେମନ୍ତ ଭୂୟାଁଙ୍କୁ ମନୋନୀତ କରାଯାଇଥିବାବେଳେ ଉପଦେଷ୍ଟାମଣ୍ଡଳୀରେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ର, ଅଭୟ ଜେନା, ଅମ୍ବିକା ପ୍ରସାଦ କାନୁନଗୋ, ବିସ୍ମିତ ଜେନା, ବଲ୍ଲଭ ଚରଣ ପଲାଇ, ଅରବିନ୍ଦ ପଣ୍ଡା, ଅମିୟ ନାୟକ ପ୍ରମୁଖ ମନୋନୀତ ହୋଇଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘର ନୂତନ ସଭ୍ୟ ଭାବେ ଅମୀୟ ବିଶ୍ୱାଳ, ଗୁଲରେଜ ଅଲ୍ଲି, ମହେଶ୍ୱର ବେହେରା, ଇଂ ସନ୍ତୋଷ ସ୍ୱାଇଁ, ରଘୁନାଥ ପାତ୍ର, ତୁଷାରଜ୍ୟୋତି ନାୟକ, ସେକ୍ ରହିମଉଦ୍ଦିନ, କେଦାର ନାୟକ ସଭ୍ୟ ଭାବେ ସାମିଲ ହୋଇଥିଲେ। ସାମ୍ବାଦିକ ତାରାକାନ୍ତ ନାୟକ, ଚିତ୍ତରଞ୍ଜନ ମୁଦୁଲି, ପ୍ରତ୍ୟୁଷ ମହାନ୍ତି, ବିରଞ୍ଚିନାରାୟଣ କର, ପ୍ରଦୀପ୍ତ କର, ଅଜୟ ସାହୁ, ପ୍ରତାପଚନ୍ଦ୍ର ଭୂୟାଁ, ସୁଜିତ ଭୂୟାଁ, ଅନନ୍ତ ଚରଣ ଦାସ, କମଳାକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟଳ ସେନା ଦିବ୍ୟାଙ୍ଗ ସଂଘର କାର୍ଯ୍ୟକାରିଣୀ ବୈଠକ



ସାଲେପୁର,୨୦।୨(ସମିସ): ଅଟଳ ସେନା ଓଡ଼ିଶା ଦିବ୍ୟାଙ୍ଗ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସାଲେପୁରସ୍ଥିତ ମା'ବୁଢ଼ୀଜାଗୁଲାଇ ପୀଠରେ ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗଙ୍କ ସମସ୍ୟା ଓ ସରକାରୀ ଯୋଜନାର ସୁଫଳ ସେମାନେ କିପରି ପାଇପାରିବେ ସେ ସଂପର୍କରେ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ପାଇଁ ଗୃହିତ ହୋଇଥିଲା। ବୈଠକରେ ଅଟଳ ସେନା ଦିବ୍ୟାଙ୍ଗ ସଂଘର ଉପଦେଷ୍ଟା ପ୍ରଫେସର ଦୀନବନ୍ଧୁ ରାଉତ, ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡ. ପ୍ରଭାତ କିଶୋର ନାୟକ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାନେତ୍ରୀ ଗାୟତ୍ରୀ ପାଣି, ସଂପାଦକ ଶିବପ୍ରସାଦ ପଣ୍ଡା, କେନ୍ଦୁଝର ଜିଲ୍ଲା ସଂପାଦକ ନାରାୟଣ ବେହେରା, କଟକ ଜିଲ୍ଲା ସଂପାଦକ ଦୁଲାଲ ଭାଇ, ଚିନ୍ତନ ପରିଷଦର ସଭ୍ୟ କୁଞ୍ଜମୋହନ ସେଠୀ, କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଝରିସୁନ୍ଦର ମଲ୍ଲିକ, ବସନ୍ତ ବେହେରା, ଅଶୋକ ବେହେରା, ଜ୍ୟୋସ୍ନାରାଣୀ ଜେନା, ବାଲେଶ୍ୱର ସଭାପତି ବିଜୟ ଦାଶ, ରଶ୍ମିରଞ୍ଜନ ପରିଡ଼ା, ଅଭୟ କର, କଟକ ଜିଲ୍ଲା ସଂପାଦକ ଧନେଶ୍ୱର ସାମଲ, ହରେକୃଷ୍ଣ ସାମଲ, ବିଜୟ ମହାନ୍ତି, କେଶବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡ. ଶ୍ୟାମାରଞ୍ଜନ ଦାସ ମହାପାତ୍ର ସମ୍ମାନିତ

କଟକ,୨୦।୨(ସମିସ): ବିଦ୍ୟାଧରପୁରସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ଖ୍ୟାତନାମା କୃଷି ବୈଜ୍ଞାନିକ ଡ. ଶ୍ୟାମାରଞ୍ଜନ ଦାସ ମହାପାତ୍ରଙ୍କୁ ବାଲେଶ୍ୱରରେ ସମ୍ମାନିତ କରାଯାଇଛି। ଫକୀରମୋହନ କଲେଜର ବାର୍ଷିକୋତ୍ସବ ଅବସରରେ ଡ. ଦାସ ମହାପାତ୍ରଙ୍କୁ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୀଟ ନିୟନ୍ତ୍ରଣ ଏବଂ ଖାଦ୍ୟ ସୁରକ୍ଷା ଦିଗରେ ଡ. ଦାସ ମହାପାତ୍ରଙ୍କ ଅବଦାନ ଅତୁଳନୀୟ। ବାଲେଶ୍ୱର ବସ୍ତା ବ୍ଲକ ଅନ୍ତର୍ଗତ ଧିତପୁର ଗ୍ରାମରେ ଜନ୍ମିତ ଡ. ଦାସ ମହାପାତ୍ର ଫକୀରମୋହନ କଲେଜର ପ୍ରାକ୍ତନ ଛାତ୍ର ଅଟନ୍ତି।

# ରାମକୃଷ୍ଣପୁରରେ ଗାୟତ୍ରୀ ମହାଯଜ୍ଞ

ନିଶ୍ଚିନ୍ତକୋଇଲି,୨୦।୨(ସମିସ): ରାମକୃଷ୍ଣପୁର ପଞ୍ଚାୟତ ସର୍ପଯୋଡ଼ି ପଦ୍ମାଳୟା କ୍ଷେତ୍ର ଶ୍ରୀ ଶ୍ରୀ ଗୋପାଳଜୀଉ ଆଶ୍ରମ ଶୂନ୍ୟ ଗୋସ୍ୱାମୀଙ୍କ ପ୍ରାଙ୍ଗଣରେ



୫ ଦିନ ବ୍ୟାପୀ ୩୪ତମ ବାର୍ଷିକ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେଉଛି। ପଣ୍ଡିତ ସନ୍ତୋଷ ଷଡ଼ଙ୍ଗୀ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ଅଗ୍ନିସ୍ଥାପନ, ଗୋ ପୂଜା, ସୂର୍ଯ୍ୟପୂଜା ଓ ଯଜ୍ଞର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। କର୍ତ୍ତା ଭାବେ ଯଶୋବନ୍ତ ଲେଙ୍କା, ପତ୍ନୀ ଲକ୍ଷ୍ମୀପ୍ରିୟା ଲେଙ୍କା କାର୍ଯ୍ୟ ତୁଲାଉଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶିକ୍ଷାବିତ୍ ଯଦୁମଣି ବସ୍ତିଆ, ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ସମାଜସେବୀ ଗୌତମ ଓଝା, ଦିଲ୍ଲୀପ ରାଉତ, ଅଜୟ ନାୟକ, କେଶବ ଚନ୍ଦ୍ର ଓଝା, ନବଘନ ରାଉତଙ୍କ ସମେତ ପରିଚାଳନା କମିଟିର ସଭ୍ୟ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଛନ୍ତି।

# ରାଉତରାପୁର ପ୍ରିମିୟର୍ ଲିଗ ଉଦ୍‌ଯାପିତ

କନ୍ଦରପୁର,୨୦।୨(ସମିସ): କଟକ ସଦର ନିର୍ବାଚନ ମଣ୍ଡଳୀ ୪୨ ମୌଜା ଉପକଣ୍ଠ ରାଉତରାପୁର ଗ୍ରାମରେ ଦୁଇଦିନ ଧରି ରାଉତରାପୁର ପ୍ରିମିୟର୍ ଲିଗ୍ (ଆରପିଏଲ୍) ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଶିକ୍ଷାବିତ୍ ପ୍ରାଧାପକ ଡ. କଲିମୁଲ୍ଲାଙ୍କ ଦାସ, ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ଡ. ମନୋଜ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଖେଳପଡିଆ ପରିସରରେ ସବୁଜ ୪୨ ମୌଜା ଅଭିଯାନ ସୃଷ୍ଟି ସ୍ୱରୂପ ଚାରାରୋପଣ କରାଯାଇଥିଲା। କମିଟି



ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି ମ୍ୟାଚରେ ମୋଟ୍ ଆଠଟି ଟିମ୍ ଅଂଶଗ୍ରହଣ କରିଥିଲେ। ରାଉତରାପୁର ଟ୍ରାଇଟନକୁ ବିଜେତା ଟ୍ରଫି ଓ ବ୍ଲାକ ଡ୍ରାଗନକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଛି। ଉଦଘାଟନୀ ଓ ଉଦ୍‌ଯାପନୀ ଦିବସରେ ଅତିଥିଭାବେ ସମାଜସେବୀ ସତ୍ୟଦୀପ ସାହୁ, ସମାଜସେବୀ ଶଶିକାନ୍ତ କାର୍ଯ୍ୟକର୍ତ୍ତା ଆକବର ବେଗ, ଅବିନାଶ ମହାଲିକ, ସମୀର ମାଝୀ, ସରାଫତ୍ ଅଲ୍ଲୀ, ଅବିନାଶ ମହାପାତ୍ର, ଜୟନ୍ତ ଜେନା, ଓବେଦୁଲ୍ଲା, ହାସିମ୍ ଅଖତର, ସଦାମ୍ ହୋସେକ୍, ତତନ୍ ମହାପାତ୍ର, ସମସଦ ବେଗ୍, ଆଲମଗିରି ଖାନ୍ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଶିବଜ୍ୟୋତି ଦର୍ଶନ ଆଧ୍ୟାତ୍ମିକ ଆର୍ଟ ଗ୍ୟାଲେରୀ ଲୋକାର୍ପିତ

# ଆଧ୍ୟାତ୍ମିକ ସାଧନା ହିଁ ଜୀବନରେ ଆଣିଦିଏ ଶାନ୍ତି

ଫୁଲନଖରା,୨୦।୨(ସମିସ)

ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ପ୍ରାଙ୍ଗଣରେ ଶିବ ଜ୍ୟୋତି ଆଧ୍ୟାତ୍ମିକ ଆର୍ଟ ଗ୍ୟାଲେରୀ ବ୍ରହ୍ମକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବି.କେ. ଜୟନ୍ତୀ ଦିଦିଜୀ ଓ କଟକ ଉପକ୍ଷେତ୍ରୀୟ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମକୁମାରୀ କମଲେଶ ଦିଦିଜୀଙ୍କ କରକମଳରେ ଲୋକର୍ପିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ଗ୍ୟାଲେରୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଯଥା ସମାଜରେ ପରିବର୍ତ୍ତନ ଆଣିବା ଭଳି ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଷୟବସ୍ତୁ ଉପସ୍ଥାପନା କରାଯାଇଛି। ଓଡ଼ିଶାର ଲୋକକଳା, ପରମ୍ପରା ଓ ଓଡ଼ିଆ ସାହିତ୍ୟର ଦିଗଦର୍ଶକ ପଞ୍ଚସଖା ଆଦିଙ୍କୁ ସ୍ଥାନିତ କରାଯାଇଛି। ଆତ୍ମଦର୍ଶନ, ପରମାତ୍ମା ଦର୍ଶନ, ସୃଷ୍ଟି ଦର୍ଶନ, ଭାରତର ଉତ୍‌ଥାନ ପତନର କାହାଣୀ, କଳ୍ପବୃକ୍ଷ, ଭବିଷ୍ୟ ସୁଖମୟ ସମାଜର ଏକ ସ୍ପଷ୍ଟ ଚିତ୍ରଣ ପ୍ରଦର୍ଶିତ ହୋଇଛି। ଯାହାଦ୍ୱାରା ପ୍ରତ୍ୟେକ ମାନବ ମନରେ ସଶକ୍ତ ଦିବ୍ୟ ଶକ୍ତିର ସଞ୍ଚାର ହେବା ସହିତ, ସୁନ୍ଦର ସଂସାରର ଗଠନର ପରିକଳ୍ପନା କରାଯାଇପାରିବ। ବିଶେଷ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ କରିବାରେ ଏହି ଆଧ୍ୟାତ୍ମିକ ଗ୍ୟାଲେରୀ ନିଶ୍ଚିତ ଭାବରେ ସହାୟକ ହୋଇପାରିବ




ବୋଲି ବ୍ରହ୍ମକୁମାରୀ ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ସୁଲୋଚନା ଦିଦିଜୀ ପ୍ରକାଶ କରିଥିଲେ। ରାଜସ୍ଥାନ ବାଲୋତ୍ରା ଶାଖାର ବିକେ ଅସ୍ମିତାଙ୍କ ସଞ୍ଚାଳନରେ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲୋକସଭା ସଦସ୍ୟ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଡିଜି ପ୍ରକାଶ ମିଶ୍ର, ଅଷ୍ଟ୍ରେଲିଆର ରାଜଯୋଗିନୀ ପ୍ରଶିକ୍ଷକ ବିକେ ଯସ୍ମିନ୍, ଜିନ୍ଦଲ ଷ୍ଟିଲ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଦୀପିକା ଜିନ୍ଦଲ, ସିଡିଏ ବ୍ରହ୍ମକୁମାରୀ ସଂସ୍ଥାର ବିକେ ତ୍ରିବେଣୀ, ରାଜଯୋଗ ପ୍ରଶିକ୍ଷକ ପ୍ରତିଭା ପୃଷ୍ଟି ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ସାଧନା କିମ୍ବା ରାଜଯୋଗ ହିଁ ଆତ୍ମାକୁ ଶାନ୍ତି ଦେବା ସଙ୍ଗେ ସଙ୍ଗେ ପରମାତ୍ମାଙ୍କ ନିକଟତର କରାଇଥାଏ ବୋଲି ପ୍ରକାଶ କରିଥିଲେ। ବିକେ ଦେବସ୍ମିତା, ବିକେ ସିପ୍ରା, ବିକେ ଜ୍ୟୋତ, ବିକେ ଉମା, ବିକେ ପ୍ରହ୍ଲାଦ, ବିକେ ମୋହନ, ବିକେ ବଂଶୀଧର, ବିକେ ଦେବବ୍ରତ ଓ ବିକେ ଗୋପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିକେ ନଥମଲ ଧନ୍ୟବାଦ ଦେଇଥିଲେ।

# ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ଓଷ୍ଟାର ପରାମର୍ଶ

**କଟକ, ୨୦।୨(ସମିସ):** ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଚଳିତ ଫେବ୍ରୁଆରୀ ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହେବାକୁ ଯାଉଛି। ଏଥିପାଇଁ ବୋର୍ଡ଼ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଭାବରେ ଚାପମୁକ୍ତ ହୋଇ ପରୀକ୍ଷା ଦେବା ନିମନ୍ତେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ସୂଚନାଥାଉକି, ଚଳିତ ବର୍ଷ ୩ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଯାଉଛନ୍ତି। ପ୍ରତ୍ୟେକ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟା ୩୦ ମିନିଟ୍‌ରେ ଶେଷ ହେବ। କେବଳ ଗଣିତ ବିଷୟ ପାଇଁ ଅଧିକ ୧୫ ମିନିଟ୍‌ର ସମୟ ରହିଛି। ପ୍ରତ୍ୟେକ ପରୀକ୍ଷା ପରେ ଦିନେ ଦୁଇ ଦିନର ବ୍ୟବଧାନ ରହୁଥିବାରୁ ଛାତ୍ରଛାତ୍ରୀମାନେ ବିଚଳିତ କିମ୍ବା ଭୟଭୀତ ନ ହୋଇ ଭଲଭାବରେ ପ୍ରସ୍ତୁତ ହୋଇ ପରୀକ୍ଷା ଦେବାକୁ ଯିବେ। ଶାନ୍ତ, ଚାପମୁକ୍ତ ହୋଇ ପରୀକ୍ଷାକେନ୍ଦ୍ରକୁ ଯାଇ ଏହାର ସାମ୍ନା କରିବେ। କୋମଳମତି ଛାତ୍ରଛାତ୍ରୀମାନେ କୌଣସି ପ୍ରକାର ହଇରାଣ ହରକତର ସମ୍ମୁଖୀନ ନ ହୋଇ ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେବା ପାଇଁ ଓଷ୍ଟା ପକ୍ଷରୁ ପରାମର୍ଶ ଦିଆଯାଇଛି। ପିଲାମାନେ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ଗଣମାଧ୍ୟମ ଜରିଆରେ ପରାମର୍ଶ ଦେଇଛନ୍ତି।

## ଅଂଶୁଘାତ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

# ବିଭିନ୍ନ କାର୍ଯ୍ୟାଳୟରେ ଖୋଲିବ କଣ୍ଟ୍ରୋଲ ରୁମ

କଟକ, ୨୦।୨(ସମିସ)




ଚଳିତ ଗ୍ରୀଷ୍ମ ଋତୁରେ କଟକ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟାଳୟର ଜରୁରୀକାଳୀନ ଉପବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ଏଥି ନିମନ୍ତେ କାର୍ଯ୍ୟ କରିବା ସହିତ ଜିଲ୍ଲାର ସମସ୍ତ ପୌରପରିଷଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବ୍ଲକ, ତହସିଲ, ଜିଲ୍ଲା ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଟିପିସିଓଡିଏଲ ଆଦି କାର୍ଯ୍ୟାଳୟରେ ଅନୁରୂପ ଭାବେ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଅଚଳ ନଳକୂପଗୁଡ଼ିକୁ ସଚଳ କରିବା ନିମନ୍ତେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତଗୁଡ଼ିକ ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହାୟତାରେ ବସଷ୍ଟାଣ୍ଡ, ହାଟ, ମୁଖ୍ୟଛକ ଜାଗା, ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସହରାଞ୍ଚଳର ପ୍ରମୁଖ ସ୍ଥଳରେ ଜଳଛତ୍ର ବ୍ୟବସ୍ଥା କରିବାକୁ ପଦକ୍ଷେପ ନିଆଯିବ। ଦିନ ୧୧ରୁ ଅପରାହ୍ନ ୩ ମଧ୍ୟରେ ଶ୍ରମିକମାନେ ଶାରୀରିକ ଶ୍ରମଭିତ୍ତିକ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବାକୁ ପରାମର୍ଶ ଦିଆଯାଇଛି। ଅଂଶୁଘାତଜନିତ ମୃତ୍ୟୁ ଅନୁସନ୍ଧାନର ତଦନ୍ତ ରିପୋର୍ଟ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା କାର୍ଯ୍ୟାଳୟକୁ ପ୍ରାଧିକୃତ ଅଧିକାରୀ ପ୍ରେରଣ କରିବେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିବ୍ୟଲୋଚନ ମହନ୍ତ, ସଦର ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ସୁଶ୍ରୀ ନିଷ୍ଠା ମହାପାତ୍ର ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଅଜଣା ଯୁବକ ଗୁରୁତର



**ତ୍ରିଶୂଳିଆ, ୨୦।୨(ସମିସ):** ନେତାଜୀ ସୁଭାଷ ସେତୁ ଉପରେ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ହାଇୱା ଗାଡିଟି ସ୍କୁଟି ଗାଡ଼ିକୁ ପଛପଟୁ ଧକ୍କା ଦେବା ପରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଯୁବକ ଜଣଙ୍କର ପରିଚୟ ମିଳି ନ ଥିବା ବେଳେ ବୁଧବାର ବିଳମ୍ବିତ ରାତ୍ରିରେ ଦୁର୍ଘଟଣା ଘଟିଥିଲା। କଟକ ସିଡିଏ ଅଞ୍ଚଳରୁ ବାଲି ବୋଝେଇ କରି ଓଡି ୩୩ ଏଲ ୯୧୬୫ ହାଇୱା ଗାଡିଟି ତ୍ରିଶୂଳିଆ ଅଭିମୁଖେ ଆସୁଥିବା ବେଳେ ସମ୍ମୁଖରେ ଯାଉଥିବା ଏମଏଲ ୦୫ଏକ୍ସ ୧୪୧୨ ସ୍କୁଟି ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରୁ ବାଲି ବୋଝେଇ ହାଇୱା ଗାଡି ଚାଳକ ଫେରାର ହୋଇଯାଇଥିଲା। ମର୍କତନଗର ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟି ଚାଳକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ରେଳମନ୍ତ୍ରୀଙ୍କୁ ଭେଟିଲେ ରଞ୍ଜନ

**କଟକ, ୨୦।୨(ସମିସ):** ଇଷ୍ଟ କୋଷ୍ଟ ରେଲୱେ ଡିଆରୟୁସିସି ମେମ୍ବର ଡ. ରଞ୍ଜନ ବିଶ୍ୱାଳ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ କଟକ ରେଲୱେ ଷ୍ଟେସନର ବିଭିନ୍ନ ସମସ୍ୟା ନେଇ ସେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।



## ଅହମ୍ମଦିୟା ସମ୍ପ୍ରଦାୟର ହଜରତ ମୁସଲେ ମଉଦ ଦିବସ



**ତିଗିରିଆ, ୨୦।୨(ସମିସ):** ତିଗିରିଆ ବ୍ଲକ ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସଜିଦଠାରେ ଗୁରୁବାର ସନ୍ଧ୍ୟାରେ ଅହମ୍ମଦିୟା ସମ୍ପ୍ରଦାୟ ତରଫରୁ ହଜରତ ମୁସଲେ ମଉଦ ଦିବସ ପାଳିତ ହୋଇଯାଇଛି। ଜଲସାରେ ଗ୍ରାମ୍ୟ କମିଟି ସଭାପତି ରୋଶନ ଖାଁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ମୌଲାନା ଏହେସନ ଖାଁ ପବିତ୍ର କୋରାନ ଶ୍ଳୋକ ଆବୃତ୍ତି କରିଥିଲେ। ହଜରତ ମୁସଲେ ମଉଦଙ୍କ ଉର୍ଦ୍ଦୁ କବିତା ଅମଜାଦ ଖାଁ, ଓଡ଼ିଆ କବିତା ଇସ୍ରାଇଲ ଖାଁ ପାଠ କରିଥିଲେ। ହଜରତ ମୁସଲେ ମଉଦ ଐଶ୍ୱରିକ ବାଣୀ ଅନୁଯାୟୀ ଜନ୍ମ ହୋଇଥିବାରୁ ଏହି ଦିବସ ପାଳନ କରାଯାଉଥିବା ମୌଲାନା ସେଖ ସମସୁଲ ପ୍ରକାଶ କରିଥିଲେ। ମୌଲାନା ମହମ୍ମଦ ଏକ୍ରାମ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ସୁବାନ, ସାବାଜ ଖାଁ, ଗ୍ରାମର ଉପସଭାପତି ମହମ୍ମଦ ଜାଫର ଅଲ୍ଲୀ, ମୌଲାନା ତୟବ ଅହମ୍ମଦ ଓ କଟକ ଜିଲ୍ଲା ଦାୟିତ୍ୱରେ ଥିବା ମୌଲାନା ସେଖ ନାସିରୁଦ୍ଦିନ ପ୍ରମୁଖ ହଜରତ ମୁସଲେ ମଉଦଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଦିବସ ପାଳନ ଉପରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅବଦୁଲ ଇସମାଇଲ ଖାଁଙ୍କ ଦ୍ୱାରା ଆୟୋଜିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଜାମା ମସଜିଦଠାରେ ମହିଳାମାନେ ମଧ୍ୟ ଏହି ଦିବସ ପାଳନ କରିଥିଲେ। ଭୋର ୪ଟାରେ ସମବେତ ମହିଳା ଓ ପୁରୁଷ ସ୍ୱତନ୍ତ୍ର ନମାଜ ପାଠ କରିଥିଲେ।

### ● ଗାନ୍ଧୀବାଦୀଙ୍କ ବିରୋଧରେ ମିଥ୍ୟା ମକଦ୍ଦମାର ପ୍ରତିବାଦ

# ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ

**କଟକ, ୨୦।୨(ସମିସ):** ଗାନ୍ଧୀ ବିଚାରଧାରାର ବ୍ୟକ୍ତିମାନଙ୍କ ବିରୋଧରେ ରାଷ୍ଟ୍ର ବିରୋଧରେ ଷଡ଼ଯନ୍ତ୍ର ଭଳି ଅଭିଯୋଗରେ ରୁଜୁ ମିଥ୍ୟା ମାମଲା ପ୍ରତିବାଦରେ ଆଜି ବିଭିନ୍ନ ସଂଗଠନ ପକ୍ଷରୁ ଡିଜିପିଙ୍କ ଅଫିସ ସମ୍ମୁଖରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷା କୃଷ୍ଣା ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ସମ୍ପାଦକ ପ୍ରଶାନ୍ତ ଦାସ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ମାନସ ପଟ୍ଟନାୟକ, ଖଗେଶ୍ୱର ସେଠୀ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ସୁଶାନ୍ତ ମହାପାତ୍ର, ସେଖ ଅବଦୁଲ୍ଲା, କାଶୀନାଥ ସ୍ୱାଇଁ, କୃଷ୍ଣପ୍ରିୟା ମିଶ୍ର, ବ୍ରଜକିଶୋର ସାହୁ, ଅର୍ଚ୍ଚନାରାଣୀ ଭୂୟାଁ, ସୁରଜିତ ସିଂହ, ପ୍ରଭାତ ସାହୁ, ପ୍ରସନ୍ନ ମହାପାତ୍ର, ଅନିମା ରାୟ, ପ୍ରିୟବ୍ରତ ପଟ୍ଟନାୟକ, ସାନନ୍ଦ ସେଠୀ ଓ ଗାନ୍ଧୀବାଦୀ ଗଣ ସଂଗଠନ ସମୂହଙ୍କ ରାଜ୍ୟ ଆବାହକ ଡା. ବିଶ୍ୱଜିତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଏକ ପ୍ରତିନିଧି ମଣ୍ଡଳ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାରଙ୍କୁ ଭେଟି ତୁରନ୍ତ ମିଥ୍ୟା କେସ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ପ୍ରକାଶଥାଉକି ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ଝାରସୁଗୁଡାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପରିସରରେ ଗତ ଡିସେମ୍ବର ୧ ତାରିଖ ଦିନ ଏକ ଆଲୋଚନାଚକ୍ରରେ ଯୋଗଦେଇ ଦିଲ୍ଲୀର ବରିଷ୍ଠ ସାମ୍ବାଦିକ ରାହୁଲ ଦେବ ଗାନ୍ଧୀ ହତ୍ୟାରେ ଅଭିଯୁକ୍ତ ବ୍ୟକ୍ତିବିଶେଷଙ୍କ ବାବଦରେ ଆଲୋଚନା କରିଥିଲେ। ଦୁଇମାସ ପରେ ସୋସିଆଲ ମିଡିଆ ସୂତ୍ରରୁ ଖବର ପାଇ ଝାରସୁଗୁଡାର କିଛି ନ୍ୟସ୍ତସ୍ୱାର୍ଥ ସାମ୍ପ୍ରଦାୟିକ ଗୋଷ୍ଠୀ ଅଭିଯୋଗ ଆଧାରରେ ଗାନ୍ଧୀବିଚାରର ବ୍ୟକ୍ତିମାନଙ୍କ ବିରୋଧରେ ରାଷ୍ଟ୍ର ବିରୋଧରେ ଷଡଯନ୍ତ୍ର ଭଳି ଜଘନ୍ୟ ମାମଲାମାନ ଗତ ଫେବୃଆରୀ ୭ ତାରିଖରେ ଦାୟର କରିଥିଲେ।



## ନରସିଂହପୁର ସିଭିଲ ଆଣ୍ଡ କ୍ରିମିନାଲ ବାର ଆସୋସିଏସନ୍ କର୍ମକର୍ତ୍ତା ଗଠନ



**ନରସିଂହପୁର, ୨୦।୨(ସମିସ):** ନବଗଠିତ ନରସିଂହପୁର ସିଭିଲ ଆଣ୍ଡ କ୍ରିମିନାଲ ବାର ଆସୋସିଏସନର ଏକ ଜରୁରୀ ବୈଠକ ଅଦାଲତ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ନରସିଂହପୁର ଅଞ୍ଚଳର ବରିଷ୍ଠ ଆଇନଜୀବୀମାନଙ୍କୁ ନେଇ ନୂତନ ଭାବେ ଗଠିତ ହୋଇଥିବା ନରସିଂହପୁର ସିଭିଲ ଆଣ୍ଡ ବାର ଆସୋସିଏସନର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ସରୋଜ କୁମାର ସାହୁ, ସମ୍ପାଦକ ଅମୀୟ ରଞ୍ଜନ ପଣ୍ଡା, ଉପସଭାପତି ଅଶୋକ ଶତପଥୀ, ସହ ସମ୍ପାଦକ ରାଜେଶ ରୋଶନ ସାହୁ, କୋଷାଧ୍ୟକ୍ଷ ଭୂପେନ କୁମାର ଦାସ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକର୍ତ୍ତା କମିଟି ସଦସ୍ୟ ତଥା ପରାମର୍ଶଦାତା ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ରବୀନ୍ଦ୍ରନାଥ ସାହୁ, ଜ୍ଞାନ ରଞ୍ଜନ ନାୟକ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଭୁଦତ୍ତ ମିଶ୍ର, ସରୋଜ ମହାରଣା, ପୀତବାସ ମହାପାତ୍ର, ଭରତ ଚନ୍ଦ୍ର ଦାସ, ବିନୋଦ ଖଟୁଆ, ଆଦିତ୍ୟ ଗୋଛାୟତ ପ୍ରମୁଖ ଏହି ବୈଠକରେ ସକ୍ରିୟ ଅଂଶଗ୍ରହଣ କରି ଆଗାମୀ ଦିନରେ ନୂତନ ସଂଘର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିବା ସହିତ ସଂଘୀୟ ବ୍ୟବସ୍ଥାକୁ ଦୃଢୀଭୂତ କରିବା ପାଇଁ ଆବଶ୍ୟକ ବିଭିନ୍ନ ଦାୟିତ୍ୱ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା।

## ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ଆଠଗଡ଼, ୨୦।୨(ସମିସ):** ଆଠଗଡ଼ ନଅସାହି ତୈଳିକ ବୈଶ୍ୟ ସମାଜର ୮୨ ତମ ବାର୍ଷିକ ସାଧାରଣ ଅଧିବେଶନ କନ୍ତୋଲ ଦକ୍ଷିଣୀ ଚଣ୍ଡୀ ମନ୍ଦିର ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଡ. ରାଜନ ସାହୁ ସ୍ୱଜାତି ପତାକା ଉତ୍ତୋଳନ କରି ଅଧିବେଶନକୁ ଉଦଘାଟନ କରିଥିଲେ। ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜ ସଭାପତି ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୁନିକୁନି ପିଲା ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ଦିବଙ୍ଗତ ସଭ୍ୟ ପୂର୍ବତନ ମନ୍ତ୍ରୀ ଦିନବନ୍ଧୁ ସାହୁ, ସ୍ୱାଧୀନତା ସଂଗ୍ରାମୀ ରାମଚନ୍ଦ୍ର ସାହୁ ଓ ପୂର୍ବତନ ନଗରପାଳ ହରିହର ସାହୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ସମ୍ପାଦକ କନ୍ତୋଲର ଅଶୋକ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧିବେଶନରେ ଆଠଗଡ଼ର ୧୧ଟି ଗ୍ରାମରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।





ମାହାଙ୍ଗା ବ୍ଲକ୍ ପରିସରରେ ୫ ଦଫା ଦାବି ନେଇ ଜନପ୍ରତିନିଧିଙ୍କ ଧାରଣା

## ଶିବରାତ୍ରି ପାଇଁ ସିଂହନାଥ ପୀଠରେ ପ୍ରସ୍ତୁତି ବୈଠକ



**ବଡମ୍ବା, ୨୦।୨(ସମିସ):** ଚଳିତ ବର୍ଷ ମହାଶିବରାତ୍ରି ଜାଗରଯାତ୍ରା ମହୋତ୍ସବ ଉପଲକ୍ଷେ ଶ୍ରୀ ଶ୍ରୀ ସିଂହନାଥ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ତଥା ବଡମ୍ବା ତହସିଲଦାର ଓ ଦେବୋତ୍ତର ଅଧିକାରୀ ସୁବାସ କୁମାର ମହାନ୍ତିଙ୍କ ତତ୍ତ୍ୱବଧାନରେ ପ୍ରଶାସନିକସ୍ତରରେ ସିଂହନାଥ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶାସନିକ ବୈଠକରେ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ ଏହି ପ୍ରସ୍ତୁତି ବୈଠକରେ ସିଂହନାଥ ଦେବ ଉନ୍ନୟନ ପରିଷଦର ସଭାପତି ସମ୍ପାଦକ ନିରଞ୍ଜନ ଶତପଥୀ, ବଡମ୍ବା ଥାନା ଅଧିକାରୀ ଅରବିନ୍ଦ ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ବୈଠକରେ ଯୋଗଦେଇ ଜାଗର ଯାତ୍ରା ଆସନ୍ତା ୨୬ତାରିଖରେ କିପରି ସୁରୁଖୁରୁରେ ପାଳିତ ହେବ ସେ ଦିଗରେ ଆଲୋଚନା କରାଯାଇଥିଲା। ଆସନ୍ତା ୨୬ ତାରିଖ ଦିନ ସକାଳ ୭ଘଟିକା ଠାରୁ ରାତ୍ର ୧୨ଘଟିକା ପର୍ଯ୍ୟନ୍ତ ବ୍ରିଜ ଉପରେ କୌଣସି ଚାରିଚକିଆ ଯାନ କିମ୍ବା ଭାରିଯାନ ବନ୍ଦ ରହିବ ବ୍ରିଜ ଉପରେ ଦୁଇ ଚକିଆ ଯାନ ଯିବ ଗୋଟେ ପାଖରେ ରଖି ଟି-ବ୍ରିଜରେ ଚାଲି ଚାଲି ଯାଇ ବାବାଙ୍କୁ ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ମନ୍ଦିର ଗର୍ଭଗୃହକୁ ଯିବାକୁ ବରଣ କରାଯାଇଛି। ବାହାରେ ରହି ୧୦ ଜଣ ଲେଖା ଏ ଧାଡିରେ ଦର୍ଶନ କରିବେ ପ୍ରସାଦ ସେବନ ବନ୍ଦୋବସ୍ତ କରାଯାଇଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟାବସ୍ଥା ସହ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ପୂର୍ବତନ ସରପଞ୍ଚ ସନ୍ତୋଷ ଶତପଥୀ ଧନ୍ୟବାଦ ଦେଇଥିଲେ। ବୈଠକରେ ଉନ୍ନୟନ କମିଟି ସହ ଏହି ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ସହରାଞ୍ଚଳ ଆଇନ ସଚେତନତା କାର୍ଯ୍ୟକ୍ରମ



**କଟକ, ୨୦।୨(ସମିସ):** ଆଜି କଟକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ସହରାଞ୍ଚଳ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରି କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ମହିଳାମାନଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଆଇନଗତ ଢାଞ୍ଚାକୁ ସୁଦୃଢ଼ କରିବା ଓ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ତଥା ସହଜଲଭ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଇନ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଶୁଭ୍ରା ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କଳ୍ପନା ମହାପାତ୍ର ଲିଙ୍ଗଗତ ଭେଦଭାବ ଉପରେ ଆଲୋଚନା କରିଥିଲେ। ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସସ୍ମିତା ମହାନ୍ତି, ସ୍ଥାନୀୟ ଅଭିଯୋଗ କମିଟିର ଅଧ୍ୟକ୍ଷ ମିନାକ୍ଷୀ ପଣ୍ଡା, ନିବେଦିତା ପାଣିଗ୍ରାହୀ, ଶ୍ରୀକାନ୍ତ ଜେନା ଉପସ୍ଥିତ ଥିଲେ। ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଦେଇଥିଲେ।

# କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଟକ, ୨୦।୨(ସମିସ)




ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ଯୁବ ବ୍ୟାପାର ଏବଂ କ୍ରୀଡ଼ା ବିଭାଗ, କଟକ ଜିଲ୍ଲା ନେହରୁ ଯୁବ କେନ୍ଦ୍ର ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ଗତ ୧୫ତାରିଖ ଠାରୁ ୨୦ତାରିଖ ପର୍ଯ୍ୟନ୍ତ ନେତାଜୀ ଟର୍ମିନାଲ ପରିସରରେ ପଞ୍ଚମ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଧାର୍ମିକ ସଂସ୍କୃତି ଏବଂ ଭାଷା ଭିତ୍ତିକ ସମେତ ଭାରତବାସୀ ହିମାଳୟ ଠାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ବସବାସ କରୁଥିବା ଭାରତୀୟଙ୍କର ଆତ୍ମା ବିବିଧତା ମଧ୍ୟରେ ଏକତା ଲକ୍ଷ୍ୟ ଉଦ୍ଦେଶ୍ୟରେ କାଶ୍ମିରୀ ଯୁବକ ଯୁବତୀଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶ୍ମୀର ଉପତ୍ୟକା ଅଞ୍ଚଳର ୬ଟି ଜିଲ୍ଲା ବଡ଼ଗାଁ, ବାରମୂଲା, ଶ୍ରୀନଗର, ଅନନ୍ତନାଗ, ପୁଲୱାମା, କୁପୱାରା ଜିଲ୍ଲାର ୧୨୬ ଜଣ ଯୁବଗୋଷ୍ଠୀ ଅଂଶ ଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ବର୍ଷର ଅଖଣ୍ଡତା, ସୁରକ୍ଷା, ସଂସ୍କୃତି ଓ ଦକ୍ଷତା ବିକାଶ ଉପର ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହୋଇଛି। ଏହି ଯୁବ ବିନିମୟ କାର୍ଯ୍ୟକ୍ରମର ଉଦଯାପନୀ ଅବସରରେ ଜିଲ୍ଲା ଯୁବ ଅଧିକାରୀ ବିପିନ କୁମାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଅଭିରାମ ଦାସ, ତାପସ ଓଝା, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ନେହରୁ ଯୁବକେନ୍ଦ୍ର ଆକାଉଣ୍ଟାଣ୍ଟ ଶୁଭେନ୍ଦ୍ରନାଥ ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଗଞ୍ଜାମ ଜିଲ୍ଲା ଯୁବ ଅଧିକାରୀ ଅକ୍ଷୟ ନିପାନେ, ଭଦ୍ରକ ଜିଲ୍ଲା ଯୁବ ଅଧିକାରୀ ଭିଗ୍ ଏମ, କୁଳମଣି ମଲ୍ଲିକ, ରବୀନ୍ଦ୍ରନାଥ ବାରିକ, ସୋମ୍ୟରଞ୍ଜନ ମହାପାତ୍ର, ସତ୍ୟନାରାୟଣ ଶ୍ରୀଚନ୍ଦନ ଓ ମନୋରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ● ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟ

# ଚାମ୍ପିଅନ୍ ଆଖ୍ୟା ବଜାୟ ରଖିଲା 'ଡ୍ରିମ୍‌ସ'

**କଟକ, ୨୦।୨(ସମିସ):** ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚାମ୍ପିଅନ ଆଖ୍ୟା ବଜାୟ ରଖିଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଟ୍ରାଇଡେଣ୍ଟ ଓ ଦ୍ୱିତୀୟ ପର୍ଯ୍ୟାୟରେ 'କିଟ୍' ବିଶ୍ୱବିଦ୍ୟାଳୟକୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ତିମ ପର୍ଯ୍ୟାୟରେ ଓଡ଼ିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଓ ରିସର୍ଚ୍ଚ ( ଓୟୁଟିଆର)କୁ ୩-୧ ସେଟ୍‌ରେ ହରାଇ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲା। ଏଥି ପୂର୍ବରୁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତ ବିଶ୍ୱବିଦ୍ୟାଳୟ ଭଲିରେ ମଧ୍ୟ ଡ୍ରିମ୍‌ସ ଚାମ୍ପିଅନ୍ ହେବାର ଗୌରବ ହାସଲ କରିଥିଲା। ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ବିଜୟ ପାଇଁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ସେମାନେ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏବଂ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କ୍ୟାପଟେନ୍ ବିଶ୍ୱରଞ୍ଜନ ପ୍ରଭଞ୍ଜନ ଦାସଙ୍କ ନେତୃତ୍ୱରେ ଡ୍ରିମ୍‌ସ ଭଲିବଲ ଟିମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



